# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 17 September - 2024

### News Editor :*Tapan Kumar Maharana*

*********************************

## ମୁଖ୍ୟ ସମ୍ବାଦ

- ସୁଭଦ୍ରା ଯୋଜନାରେ ୧କୋଟିରୁ ଊର୍ଦ୍ଧ୍ୱ ମହିଳା ଲାଭାନ୍ୱିତ ହେବେ; ଭୁବନେଶ୍ୱର ଜନତା ମଇଦାନରେ ଏହି ଯୋଜନାର ଶୁଭାରମ୍ଭ କରି କହିଲେ ପ୍ରଧାନମନ୍ତ୍ରୀ ।

\- ୨୫ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ପ୍ରଦାନ କରାଗଲା ପ୍ରଥମ କିସ୍ତି ।

- ପ୍ରଧାନମନ୍ତ୍ରୀ ଆବାସ ଯୋଜନା ୨.୦ର ଶୁଭାରମ୍ଭ; ୧୦ଲକ୍ଷ ହିତାଧିକାରୀଙ୍କୁ କିସ୍ତି ବଣ୍ଟନ କଲେ ପ୍ରଧାନମନ୍ତ୍ରୀ ।

- ନୂଆଦିଲ୍ଲୀରେ ଆସନ୍ତାକାଲି ଏନ୍‌ପିଏସ୍ ବାତ୍ସଲ୍ୟ ଯୋଜନାର ଶୁଭାରମ୍ଭ କରିବେ ଅର୍ଥମନ୍ତ୍ରୀ ।

ଏବଂ

- ସ୍ୱଭାବ ସ୍ୱଚ୍ଛତା, ସଂସ୍କାର ସ୍ୱଚ୍ଛତା ବିଷୟବସ୍ତୁକୁ ନେଇ ଆଜିଠାରୁ ଦେଶବ୍ୟାପୀ ଆରମ୍ଭ ହେଲା 'ସ୍ୱଚ୍ଛତା ହିଁ ସେବା' ଅଭିଯାନ ।

# ପିଏମ୍-ସୁଭଦ୍ରା-୧

ମହିଳାମାନଙ୍କ ଶକ୍ତି ଏବଂ ସାମର୍ଥ୍ୟ ଓଡ଼ିଶାର ବିକାଶର ମୂଳ ମନ୍ତ୍ର ହେବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ଭୁବନେଶ୍ୱର ଜନତା ମୈଦାନରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶର ବିକାଶରେ ନାରୀ ଶକ୍ତିର ସମ ଭାଗିଦାରିତା ଆବଶ୍ୟକ ରହିଛି। କେନ୍ଦ୍ର ସରକାର ଗରିବ, କୃଷକ, ଯୁବକ ଓ ନାରୀମାନଙ୍କ ଉନ୍ନତି ପାଇଁ ସର୍ବଦା କାର୍ଯ୍ୟ କରିଆସୁଛନ୍ତି। ସୁଭଦ୍ରା ଯୋଜନା ମହିଳାମାନଙ୍କୁ ଆର୍ଥିକ ଭାବେ ସ୍ୱାବଲମ୍ବୀ କରାଇବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ଏହା ମାଧ୍ୟମରେ ରାଜ୍ୟର ୧ କୋଟିରୁ ଅଧିକ ମହିଳା ଲାଭାନ୍ୱିତ ହେବେ। ଏହି ଯୋଜନାକୁ ଭାରତୀୟ ରିଜର୍ଭ ବ୍ୟାଙ୍କ ଡିଜିଟାଲ୍ କରେନ୍ସିର ପାଇଲଟ୍ ପ୍ରକଳ୍ପରେ ସାମିଲ କରାଯାଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଏହି ଅବସରରେ କହିଛନ୍ତି ଜଣେ ମହିଳା ଅର୍ଥନୈତିକ ଦୃଷ୍ଟିରୁ ସଶକ୍ତ ଓ ସ୍ୱାବଲମ୍ବୀ ହେଲେ ପରିବାରର ସାମାଜିକ ଓ ଅର୍ଥନୈତିକ ନିରାପତ୍ତା ସୁଦୃଢ଼ ହୋଇଥାଏ । ମହିଳାମାନଙ୍କୁ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ କରିବା ପାଇଁ ସରକାର ପ୍ରଗତିଶୀଳ ତଥା ବୈପ୍ଳବିକ ସୁଭଦ୍ରା ଯୋଜନା ଆରମ୍ଭ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ସୂଚନା ଅନୁସାରେ, ଆଜି ରାଜ୍ୟର ୨୫ ଲକ୍ଷ ୧୧ ଜଣ ହିତାଧିକାରୀଙ୍କୁ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି ବାବଦରେ ମୋଟ୍ ୧ହଜାର ୨୫୦ କୋଟି ୫୫ ହଜାର ଟଙ୍କା ପ୍ରଦାନ କରାଯାଇଛି। ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତର

ମାଧ୍ୟମରେ ଏହି କିସ୍ତି ପ୍ରଦାନ କରାଯାଇଛି। ଏହି ଯୋଜନାରେ ହିତାଧିକାରୀମାନଙ୍କୁ ୫ହଜାର ଟଙ୍କା ଲେଖାଏଁ ୨ଟି କିସ୍ତିରେ ପ୍ରତିବର୍ଷ ୧୦ହଜାର ଟଙ୍କା ଦିଆଯିବ । ସେମାନଙ୍କୁ ୫ ବର୍ଷରେ ୫୦ ହଜାର ଟଙ୍କା ମିଳିବ । ପ୍ରଧାନମନ୍ତ୍ରୀ ଅପରାହ୍ଣରେ ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

## ପିଏମ୍ ଆବାସ-୨

ପ୍ରଧାନମନ୍ତ୍ରୀ ଆଜି ଜନତା ମୈଦାନରେ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାର ୧୦ ଲକ୍ଷ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ବାବଦରେ ୩ ହଜାର ୧୮୦ କୋଟି ଟଙ୍କା ପ୍ରଦାନ କରିଛନ୍ତି। ଏହାସହ ଏହି ଯୋଜନାର ୨୬ ଲକ୍ଷ ହିତାଧିକାରୀଙ୍କୁ ଗୃହ ପ୍ରବେଶ କରାଇଛନ୍ତି। ସେହିଭଳି ପ୍ରଧାନମନ୍ତ୍ରୀ ସହରାଞ୍ଚଳ ଆବାସ ଯୋଜନାର ୪ ଲକ୍ଷ ହିତାଧିକାରୀଙ୍କ ଗୃହ ପ୍ରବେଶ ହୋଇଛି। ଏହାବ୍ୟତୀତ ୧୫ ଲକ୍ଷ ହିତାଧିକାରୀଙ୍କୁ ସ୍ୱୀକୃତିପତ୍ର ପ୍ରଦାନ କରାଯାଇଛି। ପ୍ରଧାନମନ୍ତ୍ରୀ ଏହି ଅବସରରେ ଆବାସ ପ୍ଲସ୍ ୨୦୨୪ ମୋବାଇଲ୍‌ର ଆପ୍‌ର ଲୋକାର୍ପଣ ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ୨.୦ର ଶୁଭାରମ୍ଭ କରିଛନ୍ତି। ପ୍ରଧାନମନ୍ତ୍ରୀ ଆଜି ଭୁବନେଶ୍ୱର ପହଞ୍ଚିବା ପରେ ଗାଡ଼କଣଠାରେ ଆବାସ ଯୋଜନାର ହିତାଧିକାରୀମାନଙ୍କ ସହ ମତ ବିନିମୟ କରିଥିଲେ।

## ପିଏମ୍-ରେଳ ପ୍ରକଳ୍ପ-୩

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଅବସରରେ ଆଜି ରାଜ୍ୟରେ ବହୁ ଗୁରୁତ୍ୱପୂର୍ଣ୍ଣ ରେଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଲୋକାର୍ପଣ କରିଛନ୍ତି। ଏହି ପ୍ରକଳ୍ପଗୁଡ଼ିକ ପାଇଁ ୨ ହଜାର ୮୭୧ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଏଥିରେ ୪ଟି ପ୍ରମୁଖ ରେଳ ସେକ୍ସନର ଉଦ୍‌ଘାଟନ କରିଛନ୍ତି। ସେଗୁଡ଼ିକ ମଧ୍ୟରେ ବିଜୟନଗରମ୍-ଟିଟିଲାଗଡ଼ ତୃତୀୟ ଲାଇନ୍ ପ୍ରକଳ୍ପର ୨୯ କିଲୋମିଟରରୁ ଅଧିକ ପଥ, ଲାଞ୍ଜିଗଡ଼ ରୋଡ୍ ଆମ୍ବାଡୋଲା-ଡୁଇକାଲୁ ରେଳ ସେକ୍ସନ ରହିଛି। କୋରାପୁଟ-ସିଙ୍ଗାପୁର ରୋଡ ଦୋହରୀକରଣ ପ୍ରକଳ୍ପର ୨୨ କିଲୋମିଟରରୁ ଊର୍ଦ୍ଧ୍ୱ ଲକ୍ଷ୍ମୀପୁର ରୋଡ୍-ସିଙ୍ଗରମ୍-ଟିକିରି ରେଳ ସେକ୍ସନ, ବୁଢ଼ାପଙ୍କ-ସାଳଗା ତୃତୀୟ ଓ ଚତୁର୍ଥ ଲାଇନ୍ ପ୍ରକଳ୍ପର ୬୦ କିଲୋମିଟରରୁ ଊର୍ଦ୍ଧ୍ୱ, ଢେଙ୍କାନାଳ-ସଦାଶିବପୁର-ହିନ୍ଦୋଳ ରୋଡ୍ ସେକ୍ସନ ରହିଛି। ଏଥିସହ ଶ୍ରୀ ମୋଦୀ ଅନ୍ୟ ୪ଟି ରେଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ପ୍ରଧାନମନ୍ତ୍ରୀ ରାଜ୍ୟ ପାଇଁ ହଜାରେ କୋଟି ଟଙ୍କାର ବିଭିନ୍ନ ଜାତୀୟ ରାଜପଥ ପ୍ରକଳ୍ପର ମଧ୍ୟ ଶୁଭାରମ୍ଭ କରିଛନ୍ତି ।

## ପିଏମ୍-ଶହେଦିନ ପୂର୍ତ୍ତି

କେନ୍ଦ୍ରରେ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାରଙ୍କର ତୃତୀୟ ପାଳିକୁ ଆଜି ୧୦୦ ଦିନ ପୂରଣ ହୋଇଛି । ଗତ ଜୁନ୍ ମାସ ୯ ତାରିଖରେ ଶ୍ରୀ ମୋଦୀଙ୍କ ନେତୃତ୍ୱରେ ଏନ୍‌ଡିଏ ସରକାର ତୃତୀୟଥର ପାଇଁ ଶପଥ ଗ୍ରହଣ କରିଥିଲେ । ଏହି ଅବସରରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ

ଶାହା କହିଛନ୍ତି କେନ୍ଦ୍ର ସରକାର ଦେଶର ବିକାଶରେ ଅନେକଗୁଡ଼ିଏ ପଦକ୍ଷେପ ଗ୍ରହଣ କରୁଛନ୍ତି ।

ତୃତୀୟ ପାଳିର ୧୦୦ ଦିନ ଶାସନ ମଧ୍ୟରେ ୧୫ ଲକ୍ଷ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି । ଏହାସହ ୩ଲକ୍ଷ କୋଟି ଟଙ୍କାର ପ୍ରକଳ୍ପ ଗୁଡ଼ିକର ଘୋଷଣା ସହ କାର୍ଯ୍ୟ ଆରମ୍ଭ ହୋଇଛି । ସେ କହିଛନ୍ତି ଏହି ସମୟ ମଧରେ ନୂତନ ଜାତୀୟ ଶିକ୍ଷାନୀତି ପ୍ରଣୟନ ହୋଇଛି । ସେହିଭଳି କୃଷକ, ମହିଳା, ସଂଖ୍ୟାଲଘୁ, ମଧ୍ୟବିତ୍ତ ଏବଂ ଗରିବ ଶ୍ରେଣୀର ଲୋକଙ୍କ ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରାଯିବା ସହିତ ଭିତ୍ତିଭୂମି ବିକାଶ ଲାଗି ପ୍ରାଧାନ୍ୟ ଦିଆଯାଇଛି । ଏନ୍‌ଡିଏ ସରକାରଙ୍କ ପ୍ରଥମ ୧୦୦ ଦିନ ମଧ୍ୟରେ ୧୧ଲକ୍ଷ ଲକ୍ଷପତି ଦିଦିଙ୍କୁ ସମ୍ମାନିତ କରାଯାଇଛି । ସେହିଭଳି ଚଳିତ ଆର୍ଥିକ ବର୍ଷ ପାଇଁ ଖରିଫ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କରାଯାଇଛି ।

ଏହି ସମୟସୀମା ମଧରେ ଓଡ଼ିଶାର ପରିବହନ ଭିତ୍ତିଭୂମି ବିକାଶକୁ ଗୁରୁତ୍ୱ ପ୍ରଦାନ କରାଯାଇଛି। ଉଭୟ ରେଳ ଏବଂ ସଡକ ଭିତ୍ତିଭୂମି ବିକାଶ ପାଇଁ ବହୁ ପଦକ୍ଷେପ ଗ୍ରହଣ କରାଯାଇଛି।

ରାଜ୍ୟର ରେଳ ଇତିହାସରେ ପ୍ରଥମଥର ପାଇଁ ୧୯ ହଜାର ୨୯୦ କୋଟି ଟଙ୍କା ବ୍ୟୟରେ ୮ଟି ନୂତନ ରେଳପ୍ରକଳ୍ପ ନିର୍ମାଣ ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟ୍ ଅର୍ଥନୈତିକ ବ୍ୟାପାର କମିଟି ଅନୁମୋଦନ କରିଛି। ବନ୍ଦେ

ଭାରତ ଟ୍ରେନ୍ ଚଳାଚଳ ସଂଖ୍ୟା ୬ କୁ ବୃଦ୍ଧି ପାଇଛି। ଚଳିତ ଆର୍ଥିକବର୍ଷ ନିମନ୍ତେ ସଡକ, ପରିବହନ ଓ ରାଜପଥ ମନ୍ତ୍ରଣାଳୟ ଓଡ଼ିଶାରେ ଗୋଟିଏ ନୂତନ ପୋଲ ଏବଂ ୫ଟି ସଡକ ପ୍ରକଳ୍ପ ନିର୍ମାଣ ବାବଦରେ ୮ ହଜାର ୯୨୩ କୋଟି ଟଙ୍କାର ବ୍ୟୟ ଅଟକଳକୁ ଅନୁମୋଦନ ପ୍ରଦାନ କରିଛି।

## ବାତ୍ସଲ୍ୟ ଯୋଜନା-ନିର୍ମଳା ସୀତାରମଣ

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆସନ୍ତାକାଲି ନୂଆଦିଲ୍ଲୀଠାରେ ଏନ୍‌ପିଏସ୍ ବାତ୍ସଲ୍ୟ ଯୋଜନାର ଶୁଭାରମ୍ଭ କରିବେ। ଏହି ଯୋଜନା ଅଧୀନରେ ଅଭିଭାବକ ସେମାନଙ୍କ ନାବାଳକ ପିଲାଙ୍କ ପାଇଁ ଆକାଉଣ୍ଟ ଖୋଲି ସେଥିରେ ସଞ୍ଚୟ କରିପାରିବେ। ସେହି ପିଲାମାନେ ସାବାଳକ ହେବା ପରେ ଏହି ଆକାଉଣ୍ଟ ନିୟମିତ ଏନ୍‌ପିଏସ୍ (ଜାତୀୟ ପେନ୍‌ସନ ଯୋଜନା) ଆକାଉଣ୍ଟରେ ରୂପାନ୍ତରିତ ହେବ। ଏହି ଯୋଜନା ମାଧ୍ୟମରେ ଅବସର ଜୀବନ ପାଇଁ ସଞ୍ଚୟ କରିବାର ସୁଯୋଗ ମିଳିବ।

## ସ୍ୱଚ୍ଛତା ସେବା ଅଭିଯାନ

'ସ୍ୱଚ୍ଛତା ହିଁ ସେବା ଅଭିଯାନ-୨୦୨୪' ସମଗ୍ର ଦେଶରେ ଆଜିଠାରୁ ଆରମ୍ଭ ହୋଇଛି। ଏହି ଅଭିଯାନ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ। ସ୍ୱଚ୍ଛତା ହିଁ ସେବା ଅଭିଯାନର ଚଳିତ ବର୍ଷର ବିଷୟବସ୍ତୁ ରହିଛି 'ସ୍ୱଭାବ ସ୍ୱଚ୍ଛତା–ସଂସ୍କାର ସ୍ୱଚ୍ଛତା'। ସ୍ୱଚ୍ଛ ଭାରତ ମିଶନ୍‌ର ଦଶମ ବାର୍ଷିକୀ ପାଳନ ଅବସରରେ ଏହି ଅଭିଯାନ ଆରମ୍ଭ ହୋଇଛି। ଏହା ଅଧୀନରେ ଦେଶରେ ୫ଲକ୍ଷ 'ସ୍ୱଚ୍ଛତା ଆଧାରିତ ୟୁନିଟ୍' – ସି.ଟି.ୟୁ. ସ୍ଥାପନ ପାଇଁ ପଦକ୍ଷେପ

ନିଆଯାଉଛି । ଜିଲ୍ଲାସ୍ତରରେ ସ୍ୱଚ୍ଛାସେବୀ ସଂଗଠନ ତଥା ବିଭିନ୍ନ ବେସରକାରୀ ଅନୁଷ୍ଠାନକୁ ଏହି ୟୁନିଟ୍‌ରେ ସାମିଲ କରାଯିବା ନେଇ ବ୍ୟବସ୍ଥା କରାଯାଇଛି । ସଫେଇ ମିତ୍ର ସୁରକ୍ଷା ଶିବିରମାନ ଆୟୋଜନ କରାଯାଇ ସ୍ୱାସ୍ଥ୍ୟ ଏବଂ ପରିମଳ ସଂକ୍ରାନ୍ତ କଲ୍ୟାଣକାରୀ କାର୍ଯ୍ୟକ୍ରମଗୁଡ଼ିକୁ ପ୍ରୋତ୍ସାହିତ କରାଯିବାର ଲକ୍ଷ୍ୟ ରଖାଯାଇଛି ।

## ପ୍ରଭାତି ପରିଡ଼ା-ଲିନ୍‌ସା ପ୍ରଧାନ

ଉପ ମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁବିକାଶ ମନ୍ତ୍ରୀ ପ୍ରଭାତି ପରିଡ଼ା ଆଜି କନ୍ଧମାଳ ଜିଲ୍ଲା ବାଡାବାଙ୍ଗା ପଞ୍ଚାୟତ ଗର୍ଜେଡି ଗ୍ରାମର ଲିନ୍‌ସା ପ୍ରଧାନଙ୍କୁ ଭେଟି ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି । ଜଣେ ଅଙ୍ଗନବାଡି କର୍ମୀଙ୍କ ଝିଅ ଲିନ୍‌ସା କୌଣସି କୋଚିଂ ସେଣ୍ଟରର ସାହାଯ୍ୟ ନନେଇ ଘରେ ପାଠ ପଢ଼ି ନିଟ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି । ଜନ୍ମରୁ ଦିବ୍ୟାଙ୍ଗ ହୋଇଥିଲେ ସୁଦ୍ଧା ସେ ନିଷ୍ଠାର ସହ ପରିଶ୍ରମ ବଳରେ ଏହି ସଫଳତା ହାସଲ କରିଥିବା ଜଣାପଡିଛି ।

## ସୁଭଦ୍ରା ଯୋଜନା-ଜିଲ୍ଲା

ରାଜ୍ୟର ବିଭିନ୍ନ ଜିଲ୍ଲାରେ ସୁଭଦ୍ରା ଯୋଜନା କାର୍ଯ୍ୟକ୍ରମକୁ ପ୍ରତ୍ୟକ୍ଷ କରିବା ପାଇଁ ଆଭାସୀ ମାଧ୍ୟମରେ ବିଶେଷ ଆୟୋଜନ କରାଯାଇଥିଲା ।

**ଦେବଗଡ** ଜିଲ୍ଲା ସଦର ମହକୁମାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ କବିନ୍ଦ୍ର ସାହୁଙ୍କ ସମେତ ପ୍ରଶାସନିକ ଅଧିକାରୀମାନେ ଯୋଗ

ଦେଇଥିଲେ । ଏହି ଯୋଜନାରେ ଆଜି ଜିଲ୍ଲାର ୧୫ ହଜାର ମହିଳାଙ୍କ ବ୍ୟାଙ୍କ ଖାତାକୁ ପ୍ରଥମ ପର୍ଯ୍ୟାୟରେ ୭୫ଲକ୍ଷ ଟଙ୍କା ପଠାଯାଇଛି ।

**ବଲାଙ୍ଗିର** ଜିଲ୍ଲାର ୧୪ଟି ବ୍ଲକରେ ଆଭାସୀ ମାଧ୍ୟମରେ ମହିଳାମାନେ ଭୁବନେଶ୍ୱରରେ ଆୟୋଜିତ କାର୍ଯ୍ୟକ୍ରମକୁ ଦେଖିଥିଲେ । ପୁଇଁତଲା ବ୍ଲକରେ ଜିଲ୍ଲାପାଳ ଗୌରବ ଶିବାଜୀ ଏବଂ ତୁରେଇକେଲା ପଞ୍ଚାୟତରେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ୍ କାର୍ଯ୍ୟକ୍ରମରେ ଯୋଗଦେଇ ଜିଲ୍ଲାର ୩ ଲକ୍ଷ ହିତାଧିକାରୀ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି ପାଇଥିବା ସୂଚନା ଦେଇଥିଲେ ।

**ଗଞ୍ଜାମ** ଜିଲ୍ଲା ପ୍ରଶାସନ ପକ୍ଷରୁ ଛତ୍ରପୁର ଅଂଶୋଲ ଖେଳ ପଡ଼ିଆରେ ଆୟୋଜିତ ଆଭାସୀ କାର୍ଯ୍ୟକ୍ରମରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାଏକ ଯୋଗଦେଇ ସୁଭଦ୍ରା ଯୋଜନା, ସ୍ୱଚ୍ଛତା ପକ୍ଷ ସମ୍ପର୍କରେ ମତ ରଖି ମା ପାଇଁ ଗଛଟିଏ ନିମନ୍ତେ ସମସ୍ତେ ଚାରାରୋପଣ କରିବାକୁ ଆହ୍ୱାନ ଦେଇଥିଲେ ।

**ନୟାଗଡ** ଜିଲ୍ଲାର ୮ଟି ବ୍ଲକରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଜିଲ୍ଲାରେ ଆଜିସୁଦ୍ଧା ୨ଲକ୍ଷ ହିତାଧିକାରୀ ଏହି ଯୋଜନାରେ ପଞ୍ଜିକୃତ ହୋଇଥିବା ଜଣାପଡିଛି ।

ସେହିଭଳି **ପୁରୀ** ଜିଲ୍ଲା ସତ୍ୟବାଦୀ ବ୍ଲକ ପଞ୍ଚସଖା ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ମହିଳାମାନେ ଯୋଗ ଦେଇଥିଲେ ।

**ସମ୍ବଲପୁର**ରେ ସୁଭଦ୍ରା ଯୋଜନାରେ ୧ଲକ୍ଷ ୬୦ହଜାର ମହିଳା ଲାଭାନ୍ୱିତ ହେବେ ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ ।

ସେହିପରି **ଭଦ୍ରକ, ଯାଜପୁର, କଳାହାଣ୍ଡି, ରାୟଗଡା ଏବଂ ଗଜପତି** ଜିଲ୍ଲାର ବିଭିନ୍ନ ସ୍ଥାନରେ ଆୟୋଜିତ କାର୍ଯ୍ୟକ୍ରମରେ ମହିଳାମାନେ ଯୋଗଦେଇଥିଲେ ।

# ପାଣିପାଗ

ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ସକ୍ରିୟ ରହିଛି । ଏହାର ପ୍ରଭାବରେ ବିଭିନ୍ନ ସ୍ଥାନରେ ବର୍ଷା ହୋଇଯାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨ଦିନ ବର୍ଷାର ପରିମାଣ ହ୍ରାସ ପାଇବ, ତେବେ ଆସନ୍ତା ଗୁରୁବାରଠାରୁ ପୁଣିଥରେ ବର୍ଷାର ପରିମାଣ ବୃଦ୍ଧି ପାଇବ ବୋଲି ପୂର୍ବାନୁମାନ କରାଯାଇଛି । ଆସନ୍ତା ୨୪ଘଣ୍ଟା ମଧ୍ୟରେ ଆଭ୍ୟନ୍ତରୀଣ ଓଡ଼ିଶାର କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି ।